ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୬୮ | ଶନିବାର | ୩୧ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-68 | Saturday | 31 May 2025 | Bhubaneswar | Pages-8 | Rs. 2.00

## ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ



ଭୁବନେଶ୍ୱର: କାମାକ୍ଷାନଗରର ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। 'ଏକ୍ସ'ରେ ନିଜ ଶୋକ ବାର୍ତ୍ତାରେ ସେ ଲେଖିଛନ୍ତି, ''ଓଡ଼ିଶା ରାଜନୀତିର ଜଣେ କର୍ମଯୋଗୀ ନେତା ଏବଂ ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ଶ୍ରୀ ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଶିକ୍ଷା, ସାମାଜିକ ସେବା ଏବଂ ରାଜନୈତିକ କ୍ଷେତ୍ରରେ ତାଙ୍କର ଅବଦାନ ଏବଂ ଆମ ଦଳର ସଂଗଠନକୁ ଦୃଢ଼ କରିବାରେ ତାଙ୍କର ଅସାମାନ୍ୟ ଯୋଗଦାନ ସର୍ବଦା ସ୍ମରଣୀୟ ହୋଇରହିବ। ତାଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ଦିବଙ୍ଗତ ଆତ୍ମାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ପ୍ରଭୁ ଜଗନ୍ନାଥ ତାଙ୍କ ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ଏହି କଠିନ ସମୟରେ ଧୈର୍ଯ୍ୟ ପ୍ରଦାନ କରନ୍ତୁ।

# ଆତଙ୍କବାଦ ହେଉ କି ନକ୍ସଲବାଦ, ଏବେ କ୍ଷମା ନୁହେଁ, ସିଧା ଜବାବ ଦିଆଯିବ : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୩୦।୫ (ଡିକେ ନ୍ୟୁଜ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବିହାରର କାରାକାଟରେ ଆୟୋଜିତ ଜନସଭାରେ ଦେଶର ସୁରକ୍ଷା, ବିହାରର ବିକାଶ ଓ ପୂର୍ବତନ ସରକାରଙ୍କ ନୀତିକୁ ନିଶାନା କରିଛନ୍ତି। ଆତଙ୍କବାଦ ଓ ନକ୍ସଲବାଦ ବିରୋଧରେ ସରକାରଙ୍କର ନିର୍ଣ୍ଣାୟକ ରଣନୀତି କଥା ଉଠାଇ ସେ କହିଛନ୍ତି ଯେ, ଆତଙ୍କବାଦ ବିରୋଧରେ ଭାରତର ଯୁଦ୍ଧ କେବେ ବନ୍ଦ ହୋଇନାହିଁ ଓ ଥମିନାହିଁ। ଆତଙ୍କର ଫଣା ପୁଣି ଉଠିଲେ, ଭାରତ ତାକୁ ବିଲରୁ ଟାଣିଆଣି ଧ୍ୱଂସ କରିଦେବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିହାରର ଲୋକେ ଏହି ପରିବର୍ତ୍ତନର ସାକ୍ଷୀ ଯେ କିପରି ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଶାନ୍ତି ଫେରିଯାଇଛି। କେବେ ଯେଉଁ ଗାଁରେ ସ୍କୁଲଗୁଡ଼ିକୁ ଜଳାଯାଉଥିଲା, ସଡ଼କ ତିଆରି କରୁଥିବା ଲୋକମାନଙ୍କ ହତ୍ୟା କରାଯାଉଥିଲେ, ଆଜି ସେଠାରେ ସଡ଼କ ମଧ୍ୟ ଅଛି, ହସ୍ପିଟାଲ ମଧ୍ୟ ଅଛି ଓ ମୋବାଇଲ ଟାୱାର ମଧ୍ୟ ଉଭୟ ଦେଖିବାକୁ ମିଳୁଛି। ସେ ବିକାଶଶୀଳ ଭାରତ ପାଇଁ ବିକାଶଶୀଳ ବିହାରକୁ ଆବଶ୍ୟକ ବୋଲି କହିଥିଲେ। ସେ କହିଥିଲେ ଯେ ୨୦୧୪ ମସିହାରେ ଯେତେବେଳେ ଏନଡିଏ ସରକାର କେନ୍ଦ୍ର ସରକାରରେ ଆସିଥିଲା, ସେତେବେଳେ ଭାରତରେ ୧୨୫ଟି ନକ୍ସଲ ପ୍ରଭାବିତ ଜିଲ୍ଲା ଥିଲେ, ଏବେ ଏହାର ସଂଖ୍ୟା କମି ମାତ୍ର ୧୮ଟି ରହିଛି। ପ୍ରଧାନମନ୍ତ୍ରୀ ବିରୋଧୀ ଦଳକୁ ଟାର୍ଗେଟ କରି କହିଛନ୍ତି ଯେ, ଯେମାନେ ଦଶନ୍ଧି ଧରି ବିହାରର ଦଳିତ, ପଛୁଆ ଓ ଗରିବ ଲୋକମାନଙ୍କୁ ଶୌଚାଳୟ, ବ୍ୟାଙ୍କ ଖାତା ଓ ଛାତ ଭଳି ମୌଳିକ ଆବଶ୍ୟକତାରୁ ବଞ୍ଚିତ ରଖିଥିଲେ, ସେମାନେ ଏବେ ସାମାଜିକ ନ୍ୟାୟର କଥା କହୁଛନ୍ତି। ସେ କଂଗ୍ରେସ ଓ ଆରଜେଡିକୁ ଟାର୍ଗେଟ କରି କହିଥିଲେ ଯେ, ଏହି ଦଳମାନେ ମାତ୍ର ଭୋଟବ୍ୟାଙ୍କର ରାଜନୀତି କରିଛନ୍ତି, ଯେଉଁଠାରେ କି ଏନଡିଏ ସରକାର ସମସ୍ତ ଆବଶ୍ୟକ ଲୋକଙ୍କ ନିକଟରେ ସୁବିଧା ପହଞ୍ଚାଇଛି। ସେ କହିଛନ୍ତି ଯେ ପାଟଣା ଏୟାରପୋର୍ଟର ନୂତନ ଟର୍ମିନାଲର ଉଦ୍‌ଘାଟନ ହୋଇସାରିଛି, ଯାହା ବର୍ଷକୁ ଏକ କୋଟି ଯାତ୍ରୀକୁ ସେବା ଦେଇପାରିବ। ବିହଟା ଏୟାରପୋର୍ଟରେ ***ପୃଷ୍ଠା ୭ ଦେଖନ୍ତୁ...***

## ପଞ୍ଜାବର ମୁକ୍ତସର ସାହିବରେ ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ, ୫ ମୃତ



**ଚଣ୍ଡିଗଡ, ୩୦।୫ (ହି.ସ):** ପଞ୍ଜାବର ମୁକ୍ତସର ସାହିବ୍ ଅଞ୍ଚଳରେ ଥିବା ଏକ ବାଣ କାରଖାନାରେ ଗତରାତି ଘଟିଥିବା ବିସ୍ଫୋରଣରେ ପାଞ୍ଚଜଣ କାରିଗରଙ୍କ ମୃତ୍ୟୁ ଘଟିଛି ଓ ୨୫ ଜଣ ଅନ୍ୟ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲ ଓ ବଠିଣ୍ଡା ଏମ୍ସରେ ଭର୍ତ୍ତି କରାଯାଇଛନ୍ତି। ପ୍ରଶାସନ ପକ୍ଷରୁ ପାଞ୍ଚଜଣ କାରିଗରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି, କିନ୍ତୁ ସେମାନଙ୍କର ବିସ୍ତୃତ ବିବରଣୀ ଜାରି କରାଯାଇନାହିଁ। ବିସ୍ଫୋରଣରେ ସମ୍ପୂର୍ଣ୍ଣ କୋଠା ଧ୍ୱଂସ ହୋଇଯାଇଛି। ଦୁଇଜଣ ବ୍ୟକ୍ତି ନିଖୋଜ ଥିବା କୁହାଯାଉଛି। ***ପୃଷ୍ଠା ୭ ଦେଖନ୍ତୁ...***

## ଏଣିକି ଗୋଟିଏ ସିଟିଂରେ ହେବ ନିଟ୍-ପିଜି ପରୀକ୍ଷା:ସୁପ୍ରିମ ନିଷ୍ପତ୍ତି

**ନୂଆଦିଲ୍ଲୀ, ୩୦।୫ (ହି.ସ):** ଏଣିକି ଗୋଟିଏ ସିଟିଂରେ ହେବ ନିଟ୍-ପିଜି ପରୀକ୍ଷା। ନିଟ୍-ପିଜି ପରୀକ୍ଷାକୁ ନେଇ ଶୁକ୍ରବାର ସର୍ବୋଚ୍ଚନ୍ୟାୟାଳୟ ଏହି ବଡ ନିଷ୍ପତ୍ତି ନେଇଛନ୍ତି। ମାମଲାର ଶୁଣାଣି କରି ଏନବିଟିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨ଟି ସିଟିଂରେ ପରୀକ୍ଷା କରିବାକୁ ଏନବିଟିର ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଛି। ୨ଟି ସିଟିଂରେ ପରୀକ୍ଷାକୁ ଭୁଲ୍ ଦର୍ଶାଇଛନ୍ତି ସୁପ୍ରିମକୋର୍ଟ ଯ ଛାତ୍ରଛାତ୍ରୀଙ୍କୁ ସମାନ ପରିବେଶର ସୁଯୋଗ ମିଳିବା ଉଚିତ୍ ବୋଲି କହିଛନ୍ତି। ପୂର୍ବ ନିର୍ଦ୍ଧାରିତ ଜୁନ୍ ୧୫ ତାରିଖରେ ହେବ ନିଟ୍-ପିଜି ପରୀକ୍ଷା।

## ଭୟଙ୍କର ହେଉଛି ଅବପାତ ! ପ୍ରବଳରୁ ଅତି ପ୍ରବଳ ବର୍ଷା

**ଭୁବନେଶ୍ୱର, ୩୦।୫ (ଡିକେ ନ୍ୟୁଜ):** ବାଂଲାଦେଶ ଏବଂ ପାଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଥିବା ଗଭୀର ଅବପାତ ଶୁକ୍ରବାର ଦୁର୍ବଳ ହୋଇଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଗତ ୬ ଘଣ୍ଟା ମଧ୍ୟରେ ଏହା ଘଣ୍ଟା ପ୍ରତି ୨୦ କିଲୋମିଟର ବେଗରେ ଉତ୍ତର-ପୂର୍ବ ଦିଗରେ ଗତି କରିଛି। ଏହା ବାଂଲାଦେଶର ଟାଙ୍ଗାଇଲରୁ ୬୦ କିଲୋମିଟର ପଶ୍ଚିମ-ଦକ୍ଷିଣପଶ୍ଚିମ, ଢାକାରୁ ୧୧୦ କିଲୋମିଟର ପଶ୍ଚିମ-ଉତ୍ତରପଶ୍ଚିମ, ଭାରତର ବେରହାମପୁରରୁ ୧୨୦ କିଲୋମିଟର ଉତ୍ତର-ପୂର୍ବ ଏବଂ ଶିଲଂରୁ ୩୦୦ କିଲୋମିଟର ପଶ୍ଚିମ-ଦକ୍ଷିଣପଶ୍ଚିମରେ ଅବସ୍ଥିତ ଥିଲା।ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପୂର୍ବ ଦିଗରେ ଗତି କରି ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କ ପାଇଁ ପ୍ରବଳ ବର୍ଷା (୨୦ ସେଣ୍ଟିମିଟରରୁ ଅଧିକ) ନେଇ ରେଡ ଆଲର୍ଟ ଜାରି କରିଛି। ଓଡ଼ିଶାରେ ***ପୃଷ୍ଠା ୭ ଦେଖନ୍ତୁ...***

## ପ୍ରତିରକ୍ଷା ମନ୍ତ୍ରୀଙ୍କ ବଡ଼ ସର୍ତ୍ତ : ମସୁଦ ଆଝାର ଓ ହାଫିଜ ସୟିଦକୁ ଫେରାଇଲେ ପାକିସ୍ତାନ ସହ ଆଲୋଚନା



**ନୂଆଦିଲ୍ଲୀ, ୩୦।୫ (ହି.ସ):** ଅପରେସନ ସିନ୍ଦୂରରେ ଘାଇଲ ପାକିସ୍ତାନ ଏବେ ଭାରତ ସହ ଶାନ୍ତି ଆଲୋଚନା ପାଇଁ ବାରମ୍ବାର ପ୍ରସ୍ତାବ ଦେଇ ଚାଲିଛି। ତେବେ ପାକିସ୍ତାନ ସହ ଆଲୋଚନା ପାଇଁ ଆଜି ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ଆଲୋଚନା ପାଇଁ ପାକିସ୍ତାନ ଆଗରେ ବଡ଼ ସର୍ତ୍ତ ରଖିଛନ୍ତି। କୁଖ୍ୟାତ ଆତଙ୍କବାଦୀ ମସୁଦ ଆଝାର ଓ ହାଫିଜ ସୟିଦକୁ ପାକିସ୍ତାନ ଫେରାଇବା ପରେ ହିଁ ଆଲୋଚନା ହେବ। ସେହିପରି ଆଲୋଚନା ଆତଙ୍କବାଦ ଓ ପାକିସ୍ତାନ ଅଧିକୃତ କଶ୍ମୀର ଉପରେ ହେବ ବୋଲି ରାଜନାଥ କହିଛନ୍ତି। ମସୁଦ ଓ ହାଫିଜ ଭାରତରେ ହୋଇଥିବା ଏକାଧିକ ଭୟଙ୍କର ଆତଙ୍କବାଦୀ ହମଲାର ମାଷ୍ଟରମାଇଣ୍ଡ। ଉଭୟଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ। ଭାରତରେ ଏହି ଦୁଇ ମୋଷ୍ଟୱାଣ୍ଟେଡ ରହିଥିବା ବେଳେ ପାକିସ୍ତାନରେ ଏମାନଙ୍କୁ ସବୁ ପ୍ରକାରର ସୁବିଧା ମିଳୁଛି। ପାକିସ୍ତାନ ସେନାର ଛତ୍ରଛାୟା ତଳେ ରହି ଏହି ଦୁଇ କୁଖ୍ୟାତ ଆତଙ୍କବାଦୀ ଭାରତ ବିରୋଧରେ ବାରମ୍ବାର ଷଡ଼ଯନ୍ତ୍ର କରି ଚାଲିଛନ୍ତି। ଏବେ ଭାରତ ସରକାର ପାକିସ୍ତାନ ଆଗରେ ଆଲୋଚନା ପାଇଁ ଏହି ଦୁଇ କୁଖ୍ୟାତ ଆତଙ୍କବାଦୀଙ୍କୁ ଫେରାଇବାର ସର୍ତ୍ତ ରଖିଛନ୍ତି। ସେହିପରି ଅପରେସନ ସିନ୍ଦୂର ଶେଷ ହୋଇନି। ଏହା କେବଳ ସ୍ଥଗିତ ରହିଛି। ପାକିସ୍ତାନ ଯଦି ଆଗକୁ କିଛି କରିବ, ତା'ହେଲେ ଏହାର ଜବାବ ପୂର୍ବାପେକ୍ଷା ଆହୁରି ଜୋରଦାର ଢଙ୍ଗରେ ଦିଆଯିବ ବୋଲି ଶ୍ରୀ ସିଂହ କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଆଜି ନୌସୈନ୍ୟଙ୍କୁ ଭେଟି ଅପରେସନ ସିନ୍ଦୂରର ପ୍ରଶଂସା କରିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ଯୁଦ୍ଧ ବିମାନ ପରିବହନକାରୀ ଜାହାଜ ଆଇଏନଏସ୍ ବିକ୍ରାନ୍ତରୁ ରାଜନାଥ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ଭାରତୀୟ ନୌସେନା ସଶକ୍ତ ହୋଇଥିବା ସେ କହିଛନ୍ତି। ପାକିସ୍ତାନକୁ ଚେତାବନୀ ଦେଇ ରାଜନାଥ କହିଛନ୍ତି ଯେ ଯଦି ନୌସେନା ଅପରେସନ ସିନ୍ଦୂରରେ ସ୍ଥଳ ସେନା ଓ ବାୟୁ ସେନା ସହ ସାମିଲ ହୋଇଥାଆନ୍ତା, ତା'ହେଲେ ପାକିସ୍ତାନ ୧୯୭୧ ତୁଳନାରେ ଆହୁରି ***ପୃଷ୍ଠା ୭ ଦେଖନ୍ତୁ...***

## ନାଇଜେରିଆରେ ପ୍ରବଳ ବନ୍ୟା : ୧୦୦ ମୃତ



**ନୂଆଦିଲ୍ଲୀ, ୩୦।୫ (ହି.ସ):** ନାଇଜେରିଆର ନାଇଜର ରାଜ୍ୟରେ ପ୍ରବଳ ବନ୍ୟା ସୃଷ୍ଟି ହୋଇଛି। ବନ୍ୟା ବିପ୍ୟାତରେ ୧୦୦ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବଜାର, ଘର ଏବଂ ରାସ୍ତାଘାଟ ସବୁ ଜଳମଗ୍ନ ହୋଇପଡ଼ିଛି। ଜନସାଧାରଣ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଗୁରୁବାର ଘଣ୍ଟା ଘଣ୍ଟା ଧରି ପ୍ରବଳ ବର୍ଷା ହେବା ଫଳରେ ହଠାତ ବନ୍ୟା ଆସିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ବନ୍ୟାରେ ମୋକୱା ନାମକ ସହର ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ସ୍ରୋତରେ ବହୁ ଘର ନଷ୍ଟ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୮୮ ମୃତଦେହ ଜବତ ହୋଇସାରିଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଇଛି।




